# ମାଟି ତଳ ଗୁପ୍ତ ଧନ ଦେଖିବା ପାଇଁ ଚାକ୍ଷୁଶୀ ବିଦ୍ୟା ସାଧନା

ଲେଖକ- ସାହିଲ୍ କୁମାର ଦାସ

ନମସ୍କାର ପାଠକ ବନ୍ଧୁ ଆପଣ ସମସ୍ତଙ୍କୁ Orissa Timesକୁ ହାର୍ଦିକ ସ୍ୱାଗତ. ଆଜିର ଏହି article ଜରିଆରେ ମୁଁ କହିବାକୁ ଯାଉଛି ଚାକ୍ଷୁଶୀ ବିଦ୍ୟା. ଆପଣ ଅନେକ ପୁରାଣ ଶାସ୍ତ୍ରରେ ଗୋଟେ ସିଦ୍ଧି ବିଷୟରେ ଶୁଣିଥିବେ ଆଉ ମୋ ଭିଡିଓରେ ମଧ ଅନେକ ଶୁଣିଥିବେ ଚାକ୍ଷୁଶୀ ବିଦ୍ୟା ବିଷୟରେ. ବାସ୍ତବରେ ଏଇ ଚାକ୍ଷୁଶୀ ବିଦ୍ୟା କଣ? ଚାକ୍ଷୁଶୀର ଅର୍ଥ ହେଉଛି ଚକ୍ଷୁ ଶକ୍ତି. ଆମ ସନାତନ ଧର୍ମର ଗୋପନୀୟ ବିଦ୍ୟା. ଏଇ ବିଦ୍ୟା ପ୍ରାୟତଃ ଯକ୍ଷିନି, ଗନ୍ଧର୍ବ ମାନଙ୍କ ପାଖରେ ଥାଏ. ଚାକ୍ଷୁଶୀ ବିଦ୍ୟା ପ୍ରାପ୍ତ କରିବାର ଦୁଇଟି ବାଟ ରହିଛି. ପ୍ରଥମ ବାଟ ହେଉଛି କୌଣସି ଯକ୍ଷ, ଗନ୍ଧର୍ବ, ନାଗ, ନାଗକନ୍ୟା ଙ୍କର ସାଧନା କରି ପ୍ରତ୍ୟକ୍ଷ କରି ତାଙ୍କ ଠାରୁ ସିଦ୍ଧି ପ୍ରାପ୍ତ କରିବେ. ନଚେତ ଶୁଦ୍ଧ ସାତ୍ତ୍ୱିକ ଚାକ୍ଷୁଶୀ ବିଦ୍ୟା ସାଧନା କରିବେ.

## ଏଇ ସାଧନା କରିବା ଦ୍ୱାରା କଣ ଲାଭ ମିଳେ?

- ପ୍ରଥମ ନେତ୍ର ସମ୍ବନ୍ଧୀୟ ସମସ୍ତ ଯାବତୀୟ ରୋଗରୁ ମୁକ୍ତ ମିଳିବ.
- ଆଖି ଖରାପ ହେଇଥିଲେ ଠିକ ହେଇଯିବ.
- ନେତ୍ର ଜ୍ୟୋତି ସ୍ଥିର ହେବ.
- ନେତ୍ର ଜ୍ୟୋତି ଦିନକୁ ଦିନ ବଢିବାକୁ ମିଳେ.
- ଖାଲି ଆଖିରେ ଆତ୍ମା ମାନଙ୍କୁ ଦେଖି ହେବ.
- ଖାଲି ଆଖିରେ ମାଟି ତଳର ୧୦୦ ଫୁଟ ତଳେ ଥିବା ପୋତା ଧନ ଦେଖାଯିବ.
- କେଉଁ କେଉଁ ଶକ୍ତି ସେ ସ୍ଥାନକୁ ଆଉ ଧନକୁ ଯଗିକି ଅଛନ୍ତି ତାହା ମଧ ଦେଖାଯିବ.

## ତେବେ ମନ୍ତ୍ର କଣ?

### ବିନିୟୋଗଃ

ତସ୍ୟାଶ୍ଚାକ୍ଷୁଷୀ ବିଦ୍ୟାୟା ଅହିର୍ବୁଧ୍ନ୍ୟ ଋଷିଃ ଗାୟତ୍ରୀ ଛନ୍ଦଃ ସୂର୍ଯ୍ୟୋଦେବତା ଚକ୍ଷୁ ରୋଗ ନିବୃତୟେ ବିନିୟୋଗଃ

ॐ ଚକ୍ଷୁଃ ଚକ୍ଷୁଃ ଚକ୍ଷୁଃ ତେଜଃ ସ୍ଥିରୋଭବ

ମାମ୍ ପାହି ତ୍ୱରିତଂ ଚକ୍ଷୁରୋଗାନ୍ ଶମୟ ଶମୟ

ମମ ଜାତ ରୂପଂ ତେଜୋ ଦର୍ଶୟ ଦର୍ଶୟ

ଯଯାହଂ ଅନ୍ଧୋ ନଶ୍ୟାଂ ତଥା କଳ୍ପୟ କଳ୍ପୟ କଲ୍ୟାଣଂ କୁରୁ କୁରୁ

ୟାନି ମମ ପୂର୍ବ ଜନ୍ମୋ ପାର୍ଜିତାନି ଚକ୍ଷୁଃ ପ୍ରତିରୋଧକ ଦୁଷ୍କୃତାନି ସର୍ବାଣି ନିର୍ମୂଳୟ ନିର୍ମୂଳୟ ।

ॐ ନମଃ ଚକ୍ଷୁସ୍ତେଜୋଦାତ୍ରେ ଦିବ୍ୟାୟ ଭାସ୍କରାୟ

ଓଁ ନମଃ କରୁଣାକରାୟ ଅମୃତାୟ

ଓଁ ନମଃ ସୂର୍ଯ୍ୟାୟ

ଓଁ ନମୋ ଭଗବତେ ସୂର୍ଯ୍ୟାୟାସି ତେଜସେ ନମଃ ଖେଚରାୟ ନମଃ ମହତେ ନମଃ ରଜସେ ନମଃ ତମସେ ନମଃ ।

ଅସତୋ ମା ସଦ୍ଗମୟ ତମସୋ ମା ଜ୍ୟୋତିର୍ଗମୟ ମୃତ୍ୟୋର୍ମା ଅମୃତଂ ଗମୟ ।।

## କେମିତି କରିବେ ଏଇ ସାଧନା?

ପ୍ରତ୍ୟେକ ଦିନ ସକାଳ ସାଢେ ୫ ସମୟରେ ସ୍ନାନ ଆଦି କାମ ସାରିଦେବେ. ତାପରେ କୁଶ ଆସନ ପକେଇ ପୂର୍ବ ଦିଗକୁ ମୁହଁ କରି ବସିବେ. ପ୍ରଥମେ ଆଚମନ କରି ବିନିଯୋଗ ମନ୍ତ୍ର ପଢିବେ ତାପରେ ସାମ୍ନାରେ ଗୋଟେ ତମ୍ବା ଡାଳରେ ଜଳ ଭରିକି ରଖିବେ. ସୂର୍ଯ୍ୟଙ୍କୁ ଦେଖି ଦେଖି ଏଇ ମନ୍ତ୍ର ମାତ୍ର ୧୨ ଥର ପଢିବେ. ମନ୍ତ୍ର ଜପ ସାରିବା ପରେ ସେହି ସ୍ଥାନରେ ଜଳକୁ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଦିଅନ୍ତୁ. ଏତିକି କରିବା ଦ୍ୱାରା ଦେଖିବେ ମାତ୍ର ୩ ମାସ ଭିତରେ ଯେତେ ପ୍ରକାର ଚକ୍ଷୁ ସମ୍ବନ୍ଧୀୟ ରୋଗ ଅଛି ତାହା ସମାପ୍ତ ହେଇଯିବ. ତଥା ଧୀରେ ଧୀରେ ଚାକ୍ଷୁଶୀ ବିଦ୍ୟା ସିଦ୍ଧି ପ୍ରାପ୍ତ ହେବାକୁ ଲାଗିବ. କିନ୍ତୁ ଏଇ ସାଧନାରେ କେତେକ restriction ଅଛି. ଯଦି ସେ restriction କୁ ଆପଣ ମାନିବେ ତେବେ ନିଶ୍ଚୟ ଚାକ୍ଷୁଶୀ ବିଦ୍ୟାର ସିଦ୍ଧି ପ୍ରାପ୍ତ ହେବ. କଣ ସେ restrictions ?

1. ଆମିଷ ମଦିରା ସେବନ ନିଷେଧ.
2. କୌଣସି ପ୍ରକାର ନିଶା ଦ୍ରବ୍ୟ ଯେପରିକି ପାନ, ବିଡି, ଗୁଟଖା, ସିଗାରେଟ ଇତ୍ୟାଦି ସେବନ ନିଷେଧ.
3. ଏଇ ସାଧନା ସମୟରେ ଯଦି ମାଟି ତଳ ଜିନିଷ ଦେଖାଯାଏ ତେବେ ସେ ସମ୍ବନ୍ଧରେ କାହାରିକୁ କହିବେନି.
4. ଯେକୌଣସି ସିଦ୍ଧି ମିଳୁ ସେ ସିଦ୍ଧି ବିଷୟରେ ବିଲକୁଲ କାହାରିକୁ ଜଣେଇବେନି.
5. ଚାକ୍ଷୁଶୀ ବିଦ୍ୟା ପ୍ରୟୋଗ କରୁଛନ୍ତି ସାଧନା କରୁଛନ୍ତି ବୋଲି ଯେପରି କେହି ନ ଜାଣନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦେବେ.